# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25th July - 2025**

**********************************

*BBSR/R*

## ଓଡ଼ିଶା ଶିଳ୍ପ ସମ୍ମିଳନୀ

ଭୁବନେଶ୍ୱର ଲୋକସେବା ଭବନରେ ଆଜି ରାଜ୍ୟର ପ୍ରଥମ ଓଡ଼ିଶା ଶିଳ୍ପ ସମ୍ମିଳନୀ-୨୦୨୫ ଆରମ୍ଭ ହେବ । ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ରାଜ୍ୟର ଆଇ.ପି.ଆର୍. ନୀତି-୨୦୨୨ ଏବଂ ଶିଳ୍ପ ଅନୁକୂଳ ଭିତ୍ତିଭୂମି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ । ରାଜ୍ୟରେ ୬ଟି ବୟନଶିଳ୍ପ ପାର୍କ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଏହି ସମ୍ମିଳନୀରେ ଯୋଗଦେବାପାଇଁ ୬ ଶହରୁ ଅଧିକ ନିବେଶକ ପଞ୍ଜିକୃତ ହୋଇଛନ୍ତି ।

*BBSR/R*

## ଏକକ ବାତାୟନ କମିଟି

୧୩୮ତମ ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ କମିଟି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ମନୋଜ

ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୪ ହଜାର ୯୮୨ କୋଟି ୬୬ ଲକ୍ଷ ବ୍ୟୟ ଅଟକଳରେ ୨୩ଟି ନୂତନ ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରାଯାଇଛି । ରାଜ୍ୟର ୧୨ଟି ଜିଲ୍ଲାରେ ପ୍ରତିଷ୍ଠା ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକଦ୍ୱାରା ୧୧ ହଜାର ୯୩୩ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି ।

***Desk***

# ରାଷ୍ଟ୍ରପତି - ୩ ବର୍ଷ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟକାଳକୁ ଆଜି ୩ ବର୍ଷ ପୂରଣ ହୋଇଛି । ରାଷ୍ଟ୍ରପତି ମୁର୍ମୁ ସର୍ବଦା ମା', ମାତୃଭୂମି ଏବଂ ମାତୃଭାଷାର ଉନ୍ନତି ଲାଗି ପଦକ୍ଷେପ ଗ୍ରହଣ କରିଛନ୍ତି । ତାଙ୍କ ଉଦ୍ୟମରେ ରାଷ୍ଟ୍ରପତି ଭବନରେ ଆଦିବାସୀ କଳା ଗ୍ୟାଲେରୀ ସ୍ଥାପନ କରାଯାଇଛି । ଆଦିବାସୀ କଳା, ସଂସ୍କୃତି ପ୍ରଦର୍ଶନୀ ସହ ସେଠାରେ ଆଦିବାସୀ ସମାଜର ବୀରଙ୍କ ସମ୍ପର୍କରେ ସୂଚନା ରହିଛି ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତକାଲି ନୂଆଦିଲ୍ଲୀରେ ରାଷ୍ଟ୍ରପତିଙ୍କ ଜୀବନୀ ସମ୍ପର୍କିତ ଏକ ପୁସ୍ତକର ଲୋକାର୍ପଣ ଅବସରରେ କହିଛନ୍ତି :

***Voice*** :.......

*Desk*

# ଓଡ଼ିଆ ମାଧ୍ୟମ ପାଠ୍ୟପୁସ୍ତକ

ଆଗାମୀ ୫୦ ବର୍ଷପାଇଁ ଓଡ଼ିଶାର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଆ ମାଧ୍ୟମରେ ପାଠପଢ଼ା ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଓଡ଼ିଆ ଭାଷାରେ ପ୍ରକାଶିତ ଯୁକ୍ତ ଦୁଇ ବିଜ୍ଞାନ ପାଠ୍ୟପୁସ୍ତକର ଲୋକାର୍ପଣ କରିବା ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଏହା କହିଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଜାତୀୟ ଶିକ୍ଷାନୀତି ଆଧାରରେ ଆଇ.ଟି.ଆଇ., ଡିପ୍ଲୋମା ଆଦି ବୈଷୟିକ ଶିକ୍ଷା ଓଡ଼ିଆ ଭାଷାରେ ପ୍ରଦାନ କରିବାପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ।

*Desk*

# ଆଇ.ଏ.ଏସ୍. ଅଦଳ ବଦଳ

ରାଜ୍ୟ ସରକାର ଗତକାଲି ଆଉ ୧୩ ଜଣ ଭାରତୀୟ ପ୍ରଶାସନିକ ଅଧିକାରୀଙ୍କ ସ୍ତରରେ ଅଦଳ ବଦଳ କରିଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି ହୋଇଛି । ଭାରତୀୟ ଏବଂ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସ୍ତରରେ ଗତ ମଙ୍ଗଳବାର ଦିନ ୪୯ ଜଣଙ୍କର ବଦଳି କରାଯାଇଥିଲା ।

***Khurda/R***

# ବାର୍ଡ଼ ଫ୍ଲୁ

ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ମୁଣ୍ଡାଆମ୍ବ ଗ୍ରାମରେ ବାର୍ଡ଼ ଫ୍ଲୁ ଚିହ୍ନଟ ହୋଇଛି । ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ତୁରନ୍ତ ସ୍ଥାନୀୟ କୁକୁଡ଼ା ଫାର୍ମଗୁଡ଼ିକରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ୪ ହଜାର ୫୦୭ଟି କୁକୁଡ଼ାଙ୍କୁ ମାରି ପୋତି ଦିଆଯାଇଛି । ବାର୍ଡ଼ ଫ୍ଲୁ ସଂକ୍ରମଣ ନେଇ ଜନ ସଚେତନତା ବୃଦ୍ଧି ଲକ୍ଷ୍ୟରେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ।

***Ganjam/R***

# ଅଗ୍ନିବୀର ନିଯୁକ୍ତି

ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ଠାରେ ଅଗ୍ନିବୀର ସେନାବାହିନୀ ନିଯୁକ୍ତିପାଇଁ ଚୟନ ପ୍ରକ୍ରିୟା ଆସନ୍ତାମାସ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଚୟନ ପ୍ରକ୍ରିୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୬ ଦିନ ଧରି ଚାଲିବାକୁ ଥିବା ଚୟନ ପ୍ରକ୍ରିୟା ସକାଶେ ୧୦ଟି ଜିଲ୍ଲାର ପ୍ରାର୍ଥୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି ।

*Nabarangpur/R*

# ଦକ୍ଷତା ବିକାଶ ବୈଠକ

ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଗତକାଲି ଜିଲ୍ଲା ଦକ୍ଷତା ବିକାଶ ମିଶନ ଏବଂ ଜିଲ୍ଲା ଦକ୍ଷତା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ତଥା ନିଯୁକ୍ତି ସୁଯୋଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଚଳିତ ବର୍ଷ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ୫୭୦ ଜଣ ଏବଂ ୧୨୦ ଜଣଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

*Desk*

# ପାଣିପାଗ

ଉତ୍ତର ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ଧୀରେ ଧୀରେ ଘନୀଭୂତ ହେବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଜିସୁଦ୍ଧା ଏହା ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ :

ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଜ୍ଞାନ କେନ୍ଦ୍ର ଅତି ପ୍ରବଳ ବର୍ଷା ହେବା ନେଇ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାପାଇଁ

ସତର୍କ ସୂଚନା ଜାରି କରିଛି । ଆଉ ୨୫ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି ।

**ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା ।**

***Desk***

## ସାହାଣୀ କପ୍

ସାହାଣୀ କପ୍ ସିନିୟର ଆନ୍ତଃ ଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ବୌଦ୍ଧ ଜୋନ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ସମ୍ବଲପୁର ଏବଂ କନ୍ଧମାଳ ମଧ୍ୟରେ ଆଜି ଖେଳାଯିବ । ଗତକାଲିର ମ୍ୟାଚ୍‌ରେ ସମ୍ବଲପୁର' ବୌଦ୍ଧକୁ ୩–୦ ଗୋଲ୍‌ରେ ଏବଂ କନ୍ଧମାଳ' ବଲାଙ୍ଗିରକୁ ୨–୧ ଗୋଲ୍‌ରେ ପରାସ୍ତ କରିଥିଲେ ।

*****